# ମନ କଥା

ଆଦିତ୍ୟ ପ୍ରତାପ ନାୟକ

sanjukta
SOCIAL WELFARE ORGANIZATION

# ମନକଥା

(କବିତା ସଂକଳନ)

ଲେଖକ:
**ଶ୍ରୀ ଆଦିତ୍ୟ ପ୍ରତାପ ନାୟକ,** ଏମ୍.ବି.ଏ, ଏଲ୍.ଏଲ୍.ବି.
ନିର୍ଦ୍ଦେଶକ, ବିଗ୍ ଚିମ୍ପ୍ ପ୍ରାଇଭେଟ୍ ଲିମିଟେଡ୍
ପ୍ରୋପ୍ରାଇଟର୍, ଚନ୍ଦନଦେବ ଏସୋସିଏଟ୍
ସଭାପତି, ସଂଯୁକ୍ତା ସୋସିଏଲ୍ ୱେଲ୍‌ଫେର୍ ଅର୍ଗାନାଇଜେସନ୍
ଦୂରଭାଷ:୯୯୨୩୨୭୮୬୧୫

ସର୍ବସ୍ୱତ୍ୱାଧିକାରୀ / ପ୍ରକାଶକ:
© ସଂଯୁକ୍ତା ସୋସିଏଲ୍ ୱେଲ୍‌ଫେର୍ ଅର୍ଗାନାଇଜେସନ୍
ଅକ୍ଷର ସଜ୍ଜା: କମ୍ପ୍ୟୁଟର୍ ସଲ୍ୟୁସନ୍, ବ୍ରହ୍ମପୁର
ମୁଦ୍ରଣ:
ପ୍ରଥମ ସଂସ୍କରଣ: ପବିତ୍ର ମହାବିଷୁବ ସଂକ୍ରାନ୍ତି, ୨୦୨୩
ମୂଲ୍ୟ: ୨୬୦/-

**MANA KATHA**

(Poem Collection)

**Sri Aditya Pratap Nayak**
Director, Big Chimp Pvt. Ltd.
Proprietor, ChandanDev Associate
President, Sanjukta Social Welfare Ogranisation

Copy Right / Publisher:
© Sanjukta Social Welfare Ogranisation
Type Set: Computer Solution, Berhampur
Printed at:
First Edition: 2023
Price: Rs. 260/-
ISBN:

**All rights reserved**
All rights reserved by Sanjukta Social Welfare Organisation. No part of this publication may be reproduced, stored in a retrieval system or transmitted in any form or by any means, electronic, mechanical, photocopying, recording or otherwise, without the prior permission of the author, Sri Aditya Pratap Nayak.
Although every precaution has been taken to verify the accuracy of the information contained herein, the author and publisher assume no responsibility for any errors or omissions. No liability is assumed for damages that may result from the use of information contained within.

## ଉତ୍ସର୍ଗ

ମୋର ପରମ ପୂଜନୀୟ ପିତୃଦେବ
ଡକ୍ଟର ହରିକୃଷ୍ଣ ନାୟକ
ଓ
ପୂଜ୍ୟା ଜନନୀ (ବୋଉ)
ଶ୍ରୀମତୀ ସଞ୍ଜୁକ୍ତା ନାୟକଙ୍କ
ହାତରେ ଅନେକ ଭକ୍ତି ଓ ଶ୍ରଦ୍ଧାର ସହ
'ମୋ ମନକଥା' (କବିତା ସଂକଳନ) ସମର୍ପିତ ।

ଜ୍ୟେଷ୍ଠପୁତ୍ର
ସ୍ନେହାଧୀନ
**ଆଦିତ୍ୟ ପ୍ରତାପ**




## ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ

ଏମ୍.ଏ., ଏମ୍.ଫିଲ୍., ପିଏଚ୍.ଡି., ଡି.ଲିଟ୍
ବରିଷ୍ଠ ପ୍ରଫେସର,
ସ୍ନାତକୋତ୍ତର ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ଗଂଜାମ, ଓଡ଼ିଶା
ଫୋନ୍: ୯୪୩୭୫୧୫୬୪୦


# ।। ମୁଖଶାଳା ।।

ବିଶ୍ୱ କାବ୍ୟମୟ । କେଉଁ ପ୍ରବହମାନ କାଳରୁ ମାନବର ପ୍ରତ୍ୟେକ ଉଚ୍ଚାରଣର ଓଁକାର ଧ୍ୱନି ମଧ୍ୟରେ କବିତାର ଗୁଞ୍ଜରଣ । ସଦ୍ୟଜାତ ଶିଶୁର କୁଆଁ କୁଆଁ ଧ୍ୱନି ଠାରୁ ଆରମ୍ଭ କରି କେଦାର କାନନମାଳାରେ ପକ୍ଷୀର କାକଳି, ସାଗର ବକ୍ଷରେ ଢେଉର ଉତ୍ତାଳ ତରଙ୍ଗ, ମେଘର ମହ୍ଲାର, ଚିକିତ୍ସାଳୟରେ ରୋଗୀର ବୁକୁଫଟା ଚିତ୍କାର, ଭିକ୍ଷୁକର ଭିକ୍ଷା ମୁଠାଏ ପାଇଁ ଆକୁଳ ନିବେଦନ– ସବୁଠି କବିତାର ସମ୍ଭାର– କବି ଭାବନାର ସ୍ଫୁରଣ । ଏସବୁ ସତ୍ତ୍ୱେ କବିଟିଏ ଜୀବନ ଓ ଜଗତର ସବୁ କଥାକୁ କ'ଣ କବିତାରେ ପ୍ରକାଶ କରିପାରେ ! ପୃଥିବୀର ସବୁ ଶବ୍ଦମାଳାକୁ କ'ଣ ତା'ର କବିତାର ଛନ୍ଦରେ ଧରି ରଖିପାରେ !! ସବୁକଥାକୁ କ'ଣ ସେ ବୁଝି କବିତା ଭିତରେ ବୁଝାଇପାରେ !!!

ଅବୋଧ ଓ ଅପ୍ରକାଶ୍ୟର ଅନ୍ୟନାମ କବିତା । ଯାହା ଅବୋଧ ଓ ଅପ୍ରକାଶ୍ୟ– ତାହାରି ଭିତରେ ତ କବି ଭାବନା ଅଧିକ ଉଜ୍ଜ୍ୱଳ, ସତେଜ, ଜୀବନ୍ତ ଏବଂ ସମ୍ଭାବନାମୟ । ଆମ ସାହିତ୍ୟର ଜଣେ ମାଟିମନସ୍କ ତରୁଣ କାବ୍ୟସ୍ରଷ୍ଟା ହେଉଛନ୍ତି ଆଦିତ୍ୟ ପ୍ରତାପ ନାୟକ । ଜନ୍ମ ବୁଧହଂସ କେଳିସର ଗଂଜାମର ସାନଖେମୁଣ୍ଡି ବ୍ଲକ୍ ଅନ୍ତର୍ଗତ ଦାନଆମ୍ବଠା ଗ୍ରାମରେ । ଶୈଶବରୁ କବିପ୍ରାଣ । ପରିବାର ଓ ପାରିପାର୍ଶ୍ୱିକ ଅବସ୍ଥା– ଚତୁର୍ଦ୍ଦିଗରେ ସେ ଅନୁଭବ କରିଛନ୍ତି କାବ୍ୟମୟ ଏଇ ଜନନୀ ଓ ଜନ୍ମଭୂମିକୁ । ଭୂମିରୁ ଭୂମା ଯାଏ, ଯେଉଁ ଦିଗକୁ ଚାହିଁଛନ୍ତି ଅନୁଭବ କରିଛନ୍ତି କବିତାର ମୃଦୁସ୍ପର୍ଶ ।

ତାଙ୍କର ପ୍ରିୟ-ଅପ୍ରିୟ, ଚିହ୍ନା-ଅଚିହ୍ନା ମାନବଙ୍କ ଠାରୁ ଆରମ୍ଭ କରି ଚଉଦିଗର ନୀଳାଭ ନୀଳାମ୍ବୁ ହେଉ, ଅବା ନିଜ ଜନ୍ମମାଟି- ସର୍ବତ୍ର ବ୍ୟାପୀ ରହିଥିବା କୁଞ୍ଜକୁଞ୍ଜିକା କେରାଣ୍ଡିମାଳ ପାହାଡ଼ର ରମ୍ୟ ଉପବନ - ସର୍ବତ୍ର କବିତାର ଉପାଦାନ, କବିତାର କାଉଁରୀ ସ୍ପର୍ଶ । କବି ସ୍ୱପ୍ନରେ ବିଭୋର । ନିଜର କାବ୍ୟିକ ମନକୁ ବାଣୀରୂପ ଦେବା ପାଇଁ ତାଙ୍କ ହୃଦୟରୁ ଗିରି ନିର୍ଝର ପରି ସ୍ୱତଃ ଝରିଆସିଛି ଅସରନ୍ତି କବିତାର ଧାରା । ସୃଷ୍ଟି ହୋଇଛି ରାଶି ରାଶି କବିତା ।

ଶ୍ରୀମାନ୍ ଆଦିତ୍ୟ ପ୍ରତାପଙ୍କର ତରୁଣ ମନର ସେହିପରି ସାରସ୍ୱତ କବିଳିପି ହେଉଛି 'ମନକଥା' କବିତା ସଂକଳନର ପ୍ରତ୍ୟେକଟି କବିତା । କାବ୍ୟଗ୍ରନ୍ଥଟି ଆରମ୍ଭ ହୋଇଛି 'ଶିବ' ପରି କବିତାରୁ ଏବଂ ପୂର୍ଣ୍ଣତା ଲାଭ କରିଛି 'ଶେଷ ପଦ' କବିତାମଧ୍ୟରେ । ତା'ରି ଭିତରେ ରହିଛି 'ଜୀବନ ତର୍ଜମା', 'ତୁମେ ଓ ମୁଁ', 'ହସ', 'ଅସହାୟର ବିଳାପ', 'ସମ୍ଭାବନା', 'ପକ୍ଷୀ', 'ଜହ୍ନରାତି', 'ଭାଇ', 'ଶପଥ', 'ମନକଥା', 'ସ୍ୱପ୍ନ', 'ଶେଷପଦ', 'ସେହିରାତି' ପ୍ରଭୃତି ହୃଦୟକୁ ଆକର୍ଷିତ କରିବା ପରି ଅନେକ ଆକର୍ଷଣୀୟ କବିତା । ପୁରାଣକୁ ପୃଷ୍ଠପୀଠିକା କରି ଆଦିତ୍ୟ ପ୍ରତାପଙ୍କର 'ପଞ୍ଚକନ୍ୟା' କବିତାର ପରିକଳ୍ପନା । ସଂପ୍ରତି ଯୁବପିଢ଼ି ଭାରତର ଅନ୍ତରାତ୍ମା ଓ ମୂଲ୍ୟବୋଧର ପ୍ରତୀକ ପୁରାଣ ଠାରୁ କ୍ରମଶଃ ଦୂରେଇ ଯାଉଥିବା ବେଳେ ଯୁବକବି ଆଦିତ୍ୟ ପ୍ରତାପ ଯୁବବୟସ୍କାରୁ ଏହିସବୁ ପୁରାଣ ରଚନା ପ୍ରତି ନିଜର ଆସ୍ଥା ଓ ବିଶ୍ୱାସ ପ୍ରକଟ ସହିତ ଏହି କବିତା ମଧ୍ୟରେ ଯୁବପିଢ଼ିଙ୍କୁ ପୁରାଣ ମନସ୍କ ଓ ତଦନୁସାରେ ନିଜକୁ ଭାରତୀୟ ମୂଲ୍ୟବୋଧ ପ୍ରତି ସଚେତନ କରିଦେଇଛନ୍ତି । ପରବର୍ତ୍ତୀ 'ଜୀବନ' କବିତା ମଧ୍ୟରେ ସେ ବାଟବଣା ବାଟୋଇକୁ ଅନ୍ଧକାରରେ ଆଲୋକର ମଶାଲ ଧରାଇ ଜୀବନର ବହୁ ବନ୍ଧୁର ପଥମଧ୍ୟରେ ମାନବର ଲକ୍ଷ୍ୟ ଦିଗରେ ବାଟ କଢ଼ାଇ ନେଇଛନ୍ତି । ହାରଜିତ୍ ହିଁ ତ ହେଉଛି ଜୀବନ । ଏହାହିଁ ଜୀବନର ସତ୍ୟ । ଦୁଃଖ ଓ ସୁଖକୁ ବାଣ୍ଟିବା ହେଉଛି ଜୀବନର ମୂଳକଥା । ଶୈଶବକୁ ମୁଖ ଫେରାଇ କବି ଆଦିତ୍ୟ ପ୍ରତାପ ନିଜ ଜୀବନକୁ ତର୍ଜମା କରିଛନ୍ତି ତାଙ୍କର 'ଜୀବନ ତର୍ଜମା' କବିତା ମଧ୍ୟରେ । ତାହା ହେଉଛି ଏହିପରି-

"ଫସିଯାଏ ମନ କିଆଁ ସ୍ୱପ୍ନ ସହରରେ !
ଜୀବନ ବିତେ ତାକୁ ପାଇବା ମୋହରେ,



**ଡକ୍ଟର ସୁରେଶ ଚନ୍ଦ୍ର ପାଣିଗ୍ରାହୀ**
ପ୍ରମଖ ସାହିତ୍ୟ ସାଧକ ତଥା
ବିଶିଷ୍ଟ ସମାଲୋଚକ

## ॥ ଅଭିମତ ॥

ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଶ୍ରୀ ଆଦିତ୍ୟ ପ୍ରତାପ ନାୟକ ଏକ ସମ୍ଭାବନାମୟ ସ୍ୱର । ଆଧୁନିକ ଓଡ଼ିଆ କବିତାରେ ସେ ଜଣେ ଚଳନ୍ତି ସ୍ରଷ୍ଟା । ପ୍ରେମ, ଆଶା ଓ ଆଲୁଅର ଛବି ଚିତ୍ରଣ କରିବାରେ ତାଙ୍କର ଏକ ସ୍ୱକୀୟ ପରିଚୟ ରହିଛି । ତେଣୁ ଅକପଟ ଜୀବନ ଓ କବିମନର ଛଳନାହୀନ ଆତ୍ମପ୍ରକାଶ ତାଙ୍କ କବିତାରେ ଆବିଷ୍କୃତ ହୁଏ । ମୁହ୍ୟମାନ ମଣିଷର ସାଂପ୍ରତିକ ଜୀବନ ଯନ୍ତ୍ରଣାର ଶବ୍ଦରୂପ ହିଁ ଯେମିତି ତାଙ୍କ କବିତାର ସ୍ୱର । ତାଙ୍କ କବିତା ଉଭୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିକୋଣରୁ ନୂତନତ୍ୱର ପରିଚୟ ବହନ କରିଛି । କବି ଶ୍ରୀ ନାୟକଙ୍କ କବିତା ସାରା ବିଶ୍ୱର ଯନ୍ତ୍ରଣାକୁ ବୁଝିଛି, ମଣିଷର ସମସ୍ୟାକୁ କାନଡ଼େରି ଶୁଣିଛି । ମୁକ୍ତ ବିହଙ୍ଗ ଭଳି ସେ ନିଜ ମାଟି ଓ ମଣିଷକୁ ଖୋଜିଛନ୍ତି କବିତା ଦେହରେ ।

ତେବେ ଜୀବନ ପ୍ରକ୍ରିୟାର ଆବେଗ ଉତ୍କଣ୍ଠା, ହସ-ଲୁହ, ପ୍ରେମ ବିରହ ଆଦି ତମାମ ଜୀବନଗାଥା ସହିତ ଶ୍ରୀ ନାୟକ ସାମିଲ୍ ହୋଇ କଳା ଦୃଷ୍ଟିର ସଂକୀର୍ଣ୍ଣତାରୁ ଅତିକ୍ରମ କରି ମାନବିକ ଆବେଗର ଏକ ଉଚ୍ଚତମ ତୁଙ୍ଗିମାକୁ ସ୍ପର୍ଶ କରିଛି । ଜଗତ ଓ ଜୀବନର ଗଭୀର ଅନୁଶୀଳନରୁ ତାଙ୍କ କବିତା ଜନ୍ମଲାଭ କରିଛି । କବିତାରେ ଶ୍ରୀ ନାୟକ ଯୁଧିଷ୍ଠିର, ଶକୁନୀ, ସହଦେବ, ଅର୍ଜ୍ଜୁନ, ଭୀମ ଭଳି ମିଥ୍ ଚରିତ୍ରକୁ ଅବତାରଣା କରିଛନ୍ତି ।

ପରିକଳ୍ପିତ ଗୋଟିଏ ନୂଆ ସକାଳ ପାଇଁ ଅସଂପୂର୍ଣ୍ଣ ମୁଁ...' କବିତାଟି ଏକ ଆର୍କିଟାଇପ୍ । ଏହି କବିତାଟିରେ ମଣିଷର ସର୍ବକାଳୀନ ମାନସିକ ଦୁଃଖାନୁଭୂତିର କଥା ରହିଛି । ଦୁର୍ନୀତି ଓ ଭ୍ରଷ୍ଟାଚାରୀ ମଣିଷର ଦୁର୍ବାର ପ୍ରାଚୀର ଭାଙ୍ଗି ସେ ଏକ ନୂଆ ଦୁନିଆ ଓ ନୂଆ ଜୀବନର ରୂପକାର ହେବାକୁ ଚାହିଁଛନ୍ତି 'ମଣିଷ ମୁଁ ପ୍ରେମର କଥା କହୁଚି' କବିତାରେ ।

## ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ
ଅବସରପ୍ରାପ୍ତ ପ୍ରାଧ୍ୟାପକ
ହିଂଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟ
ହିଂଜିଳିକାଟୁ, ଗଂଜାମ




# ॥ 'ମନ କଥା' ପଢ଼ିଲା ପରେ ॥

ଆଦିତ୍ୟ ପ୍ରତାପ ଏକ ସମୟରେ ମୋର ଛାତ୍ର ଥିଲେ । ତାଙ୍କ ପିତା ଅବସରପ୍ରାପ୍ତ ଅଧ୍ୟକ୍ଷ ସୁସାହିତ୍ୟିକ ଡ. ହରିକୃଷ୍ଣ ନାୟକ ବି ମୋର ଅତ୍ୟନ୍ତ ଅନ୍ତରଙ୍ଗ । ଆଦିତ୍ୟ କେବେ ସାହିତ୍ୟ ପ୍ରେମୀ ଥିବା ମୋତେ ଜଣାନାହିଁ । ସେ ପଦାର୍ଥ ବିଜ୍ଞାନର ଜଣେ କୃତି ଛାତ୍ର ଭାବରେ ସୁନାମ ଅର୍ଜନ କରିଛନ୍ତି । କିନ୍ତୁ ପରବର୍ତ୍ତୀ ସମୟରେ ବାପା ଓ ବୋଉଙ୍କ ସାରସ୍ୱତ ସାଧନାରେ ମୁଗ୍ଧ ହୋଇ ସେ ସାହିତ୍ୟ ଜଗତରେ ପାଦ ଦେଇଛନ୍ତି । ତାଙ୍କର ପ୍ରଥମ କବିତା ପୁସ୍ତକ 'ମନ କଥା'ର ପାଣ୍ଡୁଲିପି ଦେଖିବା ଅବସରରେ ମୋର ମନେହେଲା ତାଙ୍କ ଭିତରେ କବିତ୍ୱର ସ୍ଫୁରଣ ଘଟିଛି । ଜଣେ କବିର ବିବିଧ ଅନୁଭବ ଓ ଉପଲବ୍ଧିକୁ ନେଇ ଏ କବିତା ସଂକଳନର ପରିକଳ୍ପନା । ପ୍ରେମ, ବାସ୍ତବତା, କଳ୍ପନା ଓ ସୌନ୍ଦର୍ଯ୍ୟର ପରିଧି ମଧ୍ୟରେ ତାଙ୍କ କବିମାନସ ସଂଚରଣଶୀଳ । ସେ ତାରୁଣ୍ୟର ଅନୁଭବ ଠାରୁ ଯୌବନର ଜୀବନଚର୍ଯ୍ୟା ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଅନୁଭୂତିର କଥା ଲେଖିଛନ୍ତି ୭୨ଟି କବିତାରେ । ବୌଦ୍ଧିକତାରୁ ମୁକ୍ତ ତାଙ୍କର କବିତା ପାଠକ ପାଠିକାମାନଙ୍କ ହୃଦୟକୁ ଛୁଇଁବ ବୋଲି ମୋର ଆଶା ଓ ବିଶ୍ୱାସ । ଏକ ନିରନ୍ତର ଅନ୍ୱେଷଣ ଓ ସୌନ୍ଦର୍ଯ୍ୟବୋଧର ପରିଧିକୁ ସେ ଅତିକ୍ରମ କରିବାର ପ୍ରୟାସ କରିଛନ୍ତି । ପ୍ରାଥମିକ ପ୍ରୟାସ ଜନିତ ଲଘୁତ୍ରୁଟି କିଛି ପରିଲକ୍ଷିତ ହେଲେ ବି ଏ ସଂକଳନ ତାଙ୍କ ସାରସ୍ୱତ ସାଧନାର ଆଦ୍ୟ ପ୍ରୟାସ ଭାବେ ନିଶ୍ଚିତ ପ୍ରଶଂସନୀୟ । ମୁଁ ଆଦିତ୍ୟ ପ୍ରତାପଙ୍କ କାବ୍ୟ ସାଧନାର ଉତ୍ତରଣ କାମନା କରୁଛି ।

ଲକ୍ଷ୍ମୀସାଗର, ଭୁବନେଶ୍ୱର

# ॥ ଦୁଇପଦ ॥

'ମନ କଥା' ମୋ' ଜୀବନ ଅନୁଭୂତିର ପ୍ରଥମ କବିତା ସଂକଳନ । ଏଥିରେ ମୁଁ ମୋର ମନର କଥା କହିଛି । ବାସ୍ତବିକ ମନକଥାର ସମସ୍ତ କବିତା ମୋ ଅନୁଭବ କଳ୍ପନାର ଅନୁପମ ଚିତ୍ରାୟିତ ଆବେଦନ ଏବଂ ସରସ ସୁନ୍ଦର ବିବିଧ ପ୍ରସଙ୍ଗକୁ ନେଇ ଏ ସବୁ କବିତାର ସମାହାର । କବିତା ମାଧ୍ୟମରେ କିଛି ଭାବ-ଭାବନାର ଅଭିବ୍ୟକ୍ତି ପ୍ରକାଶ କରିଛି । ମୋ କବିତାର ଭଲମନ୍ଦ ବିଚାର ପାଠକ, ପାଠିକାମାନେ କରିବେ । ପ୍ରକୃତପକ୍ଷେ ଏ ସମସ୍ତ କବିତା ଭିନ୍ନ ଭିନ୍ନ ସମୟରେ ରଚିତ; ବାଛି ବାଛି ୭୨ ଗୋଟି କବିତା ଏହି 'ମନ କଥା' ପୁସ୍ତକରେ ଏକତ୍ର କରିଛି ।

ସମ୍ମାନାସ୍ପଦ ପ୍ରଫେସର ବରିଷ୍ଠ ଗବେଷକ ତଥା ବିଶିଷ୍ଟ ସମାଲୋଚକ ଡକ୍ଟର ପ୍ରସନ୍ନ କୁମାର ସ୍ୱାଇଁ ମହୋଦୟ ମୋର ଅନୁରୋଧ ରକ୍ଷା କରି ଏହି ପୁସ୍ତକର ମୁଖଶାଳା ଲେଖି ମୋତେ ଅଧିକ ଉତ୍ସାହ ଓ ପ୍ରେରଣା ପ୍ରଦାନ କରିଥିବା ଯୋଗୁଁ ଏହି ପରିପ୍ରେକ୍ଷୀରେ ତାଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଉଛି ।

ଏହି ପୁସ୍ତକ ଲିଖନ କାର୍ଯ୍ୟରେ ସମୟୋପଯୋଗୀ ପ୍ରେରଣା ପ୍ରଦର୍ଶନ କରିଥିବା ହେତୁ ପ୍ରମତ୍ତ ସାହିତ୍ୟ ସାଧକ, ଶୁଦ୍ଧ ସର୍ଜନାର ଶାଶ୍ୱତ ନିର୍ମାତା ତଥା ବିଶିଷ୍ଟ ସମାଲୋଚକ ଡକ୍ଟର ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଓ ବିଶିଷ୍ଟ ସାହିତ୍ୟିକ ଓ ସୁପରିଚିତ ପ୍ରାବନ୍ଧିକ ଓ କବି ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ ମହାଶୟ ଆଦିଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ।

ଏହି କବିତା ସଂକଳନ 'ମନ କଥା' କବିତାପ୍ରେମୀ, ବିଦଗ୍ଧ ଓଡ଼ିଆ ପାଠକ, ପାଠିକା ମହଲରେ ଆଦୃତ ହେଲେ କବିର ଶ୍ରମସମର୍ଥ ହେବ ବୋଲି ମନେ କରିବି । ମୋର ପୂଜନୀୟ ପିତା ଓ ପୂଜ୍ୟା ଜନନୀ (ବୋଉ) ପ୍ରସ୍ତୁତି ଠାରୁ ପରିସମାପ୍ତି ପର୍ଯ୍ୟନ୍ତ ଉତ୍ସାହ ପ୍ରଦାନ କରିଥିବାରୁ ଏହି ଅବସରରେ ମୁଁ ଉଭୟଙ୍କୁ ଭକ୍ତିପୂତ ପ୍ରଣାମ ଜଣାଉଛି ।

ଏତଦ୍‌ବ୍ୟତୀତ ମୋର ସ୍ନେହର ଭଗ୍ନୀ ବିଦ୍ୟୁତ୍‌ପ୍ରଭା, ଆଦରର ଅନୁଜ ଅଦ୍ୱୈତ ପ୍ରସାଦ, ସ୍ନେହର ଭ୍ରାତୃଜୟା ଶ୍ୱେତାଲିନା, ଶ୍ରଦ୍ଧେୟ ଭିଣୋଇ କାହ୍ନୁଚରଣ ଓ ମୋର

ଅତି ଆପଣାର ସ୍ନେହର ଭଣଜା ଦେବାନନ୍ଦ ପ୍ରମୁଖ ଉତ୍ସାହ ଓ ପ୍ରେରଣା ଯୋଗାଇଥିବା ଯୋଗୁଁ ସେମାନଙ୍କୁ ସ୍ନେହପୂର୍ଣ୍ଣ ଧନ୍ୟବାଦ ଜଣାଉଛି ।

'ମନକଥା' ପୁସ୍ତକର ଅକ୍ଷରସଜ୍ଜା ଓ ମୁଦ୍ରଣ ଦାୟିତ୍ୱ ନିଷ୍ଠାର ସହ ନେଇଛନ୍ତି କମ୍ପ୍ୟୁଟର୍ ସଲ୍ୟୁସନ୍‌ର ପରିଚାଳକ ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ । ଏତଦ୍‌ବ୍ୟତୀତ ସେ ମାର୍ଜିତ ପରିପାଟୀରେ ପୁସ୍ତକକୁ ପ୍ରସ୍ତୁତ କରିବା ସହ ଏହି ସଂକଳନର ପ୍ରଚ୍ଛଦ ନିର୍ମାଣରେ ଆନ୍ତରିକ ସହଯୋଗ ଓ ପରିଶ୍ରମ କରିଥିବା ଯୋଗୁଁ ତାଙ୍କ ନିକଟରେ ମୁଁ କୃତଜ୍ଞ ।

ପରିଶେଷରେ ମୋର ସହଧର୍ମିଣୀ ଶ୍ରୀମତୀ ସୁନିତା ସ୍ୱାଇଁଙ୍କ ଅକୁଣ୍ଠିତ ସାହାଯ୍ୟ ସହଯୋଗ ତଥା ପୁସ୍ତକ ପ୍ରକାଶନ ପାଇଁ ସାଗ୍ରହ ପ୍ରେରଣା ମୋତେ ଅଧିକ ମାତ୍ରାରେ ଉତ୍ସାହିତ କରିଛି । ଏଣୁ ଏ' ଅବସରରେ ତାଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଛି ।

'ମନ କଥା' (କବିତା ସଂକଳନ) ରଚନାକାଳରେ 'ଜଗତର ନାଥ ଶ୍ରୀଜଗନ୍ନାଥଙ୍କ' କୃପା ହିଁ ମୋର ଏକାନ୍ତ ସହାୟ, ଏଣୁ ତାଙ୍କର ଶ୍ରୀଚରଣାରବିନ୍ଦରେ ମୋର ବିନମ୍ର ପ୍ରଣାମ ନିବେଦନ କରିବା ସଂଗେ ସଂଗେ ପୂର୍ବସୁରୀ ବନ୍ଧୁବର୍ଗ ଓ ପଥପ୍ରଦର୍ଶକଙ୍କ ଉଦ୍ଦେଶ୍ୟରେ ପୁନଶ୍ଚ କୃତଜ୍ଞତା ଜ୍ଞାପନ କରୁଛି ।

ମୁଦ୍ରଣ ସମୟରେ କେତେକ ଅନିଚ୍ଛାକୃତ ତ୍ରୁଟି ରହିଯାଇଥିବା ଅନୁମେୟ । ତେଣୁ ସୁଧୀ ପାଠକ, ପାଠିକାମାନଙ୍କୁ କ୍ଷମା ମାଗି ନେଉଛି । ଭବିଷ୍ୟତରେ ଏହାକୁ ସଜାଡ଼ିବା ପାଇଁ ଉଦ୍ୟମ କରାଯିବ ।

॥ ଇତି ॥

ବିନୀତ ଲେଖକ ଓ କବି

**ଆଦିତ୍ୟ ପ୍ରତାପ ନାୟକ**

# ସୂଚୀପତ୍ର


ଶିବ / ୨୧

ନିବେଦନ / ୨୨

ଚରଣ, ଶରଣ, ଭ୍ରମଣ / ୨୪

ବାଇମନ-୧ / ୨୬

ବାଇମନ-୨ / ୨୭

ମୋତେ ବଞ୍ଚିବାକୁ ଦିଅ / ୨୯

କିଛି ଲେଖା / ୩୧

ଜାଗରଣ / ୩୩

ସୃଷ୍ଟି / ୩୪

ଆଦି-ଅନ୍ତ / ୩୫

ପକ୍ଷୀ / ୩୬

ସମ୍ଭାବନା / ୩୮

ଭେଟ / ୪୦

ଅସଂପୂର୍ଣ୍ଣ ମୁଁ / ୪୧

ଜୀବନ-ତର୍ଜମା / ୪୩

ଜୀବନ ନାହା / ୪୪

ଅର୍ଥ / ୪୬

ସମୟ ଚକ / ୪୮

ମୁଁ ସ୍ୱତନ୍ତ୍ର ହେବି / ୫୦

ଏକ ନୂଆ ସମାଜ / ୫୨

# ସୂଚୀପତ୍ର

ଜୀବନ /**୫୪**
ପଞ୍ଚକନ୍ୟା /**୫୫**
ହସ /**୫୭**
ଅସହାୟର ବିଳାପ /**୫୯**
ମଣିଷ ମୁଁ ପ୍ରେମର କଥା କହୁଛି /**୬୧**
ବନ୍ଧୁତା /**୬୩**
ଦୁଇଟି କବିତା /**୬୫**
ତେବେ ହୋଇଲା ଦେଶ ସ୍ୱାଧୀନ /**୬୬**
ସ୍ୱଚ୍ଛ-ଶ୍ରେଷ୍ଠ- ସ୍ମାର୍ଟ ବ୍ରହ୍ମପୁର /**୬୭**
ସ୍ୱଚ୍ଛ ହେବ ଆମ ଓଡ଼ିଶା /**୬୯**
ସ୍ୱଚ୍ଛତା ସଂଗୀତ-୧ /**୭୧**
ସ୍ୱଚ୍ଛତା ସଂଗୀତ-୨ /**୭୩**
ମୋ କ୍ୟାରିୟର /**୭୫**
ସ୍ୱପ୍ନ /**୭୭**
ଗ୍ରୀଷ୍ମ /**୭୯**
ବର୍ଷା /୮୦
ଶରତ /୮**୨**
ହେମନ୍ତ /୮**୪**
ଶୀତ /୮**୬**
ବସନ୍ତ /୮**୯**

# ସୂଚୀପତ୍ର

ତିନିପଦ / ୯୨
ଭାଇ / ୯୩
ମନ କଥା / ୯୫
ଖେୟାଲୀ ମନ / ୯୬
ଶପଥ / ୯୮
ତୁ ମୋ ଘର / ୯୯
ମୋ ଭାଲେନ୍‌ଟାଇନ୍ / ୧୦୧
ତୁମେ ଏକା ମୋର / ୧୦୨
ତୁମେ ଆଉ ମୁଁ-୧ / ୧୦୪
ତୁମେ ଆଉ ମୁଁ-୨ / ୧୦୫
ତୁମ ସାଥେ / ୧୦୭
ତୁମେ ମୋର / ୧୦୮
ତୁମ ପାଇଁ / ୧୦୯
ତୁମ ନାଁ କୁହନା / ୧୧୦
ଜହ୍ନରାତି-୧ / ୧୧୨
ଜହ୍ନରାତି-୨ / ୧୧୪
ଜହ୍ନରାତି-୩ / ୧୧୬
ଜହ୍ନରାତି-୪ / ୧୧୮
ଜହ୍ନରାତି-୫ / ୧୨୦
ଜହ୍ନରାତି-୬ / ୧୨୨

# ସୂଚୀପତ୍ର


ଜହ୍ନରାତି-୭ / **୧୨୩**

କହିବ ଗୋ ମନ ଖୋଲି / **୧୨୫**

ସମୟ, ମୁଁ ଓ ପ୍ରିୟତମା / **୧୨୭**

ପ୍ରିୟତମା ପାଇଁ ପଦେ / **୧୨୯**

ସେଇ ଝିଅଟି ପାଇଁ... / **୧୩୦**

ଝଲକ୍ / **୧୩୧**

ମନ ସୁନ୍ଦରୀ / **୧୩୨**

ଆଜିର ସୁନ୍ଦରୀ / **୧୩୪**

ଭୁଲିବି କେମିତି ତା'କୁ... / **୧୩୭**

ସେହି ରାତି / **୧୩୯**

ବ୍ୟାକୁଳ ମନ / **୧୪୦**

ଶେଷ ପଦ / **୧୪୧**

ପୃଷ୍ଠବନ୍ଧ 'ମନ କଥା': ଏକ ସମୀକ୍ଷା / **୧୪୨**

# ଶିବ

ସେ ଯିଏ ଲେଖନ୍ତି କାଳର କପାଳ,
ସେ ହିଁ ପିଇଥିଲେ ବିଷ ହଳାହଳ,
ସେ ସତ୍ୟ, ସେ ଭୋଳ, ଜାଣନ୍ତିନି ଛଳ,
ସେ ଶିବ, ମହାଦେବ, ସେ ମହାକାଳ ।

ସେ ଅସୀମ ଅନ୍ଧକାରର ଆକାର,
ସେ ହିଁ ଅନନ୍ତ ପ୍ରକାଶର ପ୍ରକାର,
ମୃତ୍ୟୁ ତା' ଗର୍ଭରେ, ପ୍ରାଣ ତା' ହାତରେ,
ଶିବ ସୃଷ୍ଟିର ମୂଳ, ଶିବ ସାକାର ।

ବୀଭତ୍ସ ସେ, ବିଭୋର ସେ, ସେ ହିଁ ତପ,
ଓଁକାର ର ଆରମ୍ଭ ସେ, ସେ ହିଁ ଜପ,
ରଚନା ବାହାର, ଭୟ ତା ଆହାର,
ହର କରେ ମାପ, ହର ହରେ ପାପ ।

ଶିବେ କରି ଲୟ 'ମୁଁ' କୁ କର କ୍ଷୟ
ଶିବ ମନ୍ତ୍ରେ କର ଇନ୍ଦ୍ରିୟକୁ ଜୟ,
କର ସମର୍ପଣ, ହେବ ଉଦ୍ଧାରଣ,
ସେ ସ୍ରଷ୍ଟା, ସେ ପାଳକ, ସେ ହିଁ ପ୍ରଳୟ ।

ଘନ ଅନ୍ଧାର ରୂପ, ଶୀତଳ ଗ୍ରୀବ,
ଜଞ୍ଜାଳରୁ ଦୂରେ, ପାଳୁଥାଇ ଜୀବ,
ସୃଷ୍ଟିର ସେ ହିଁ ଆରମ୍ଭ, ସେ ହିଁ ଶେଷ,
ଯେ ସବୁ ଘଟେ ବାନ୍ଧେ ଘଟ, ସେ ଶିବ ।

# ବାଇମନ-୧

ଆରେ ବାଇମନ, କେବେ ହେବ ତୋର ବୋଧ ଜ୍ଞାନ,
ନାହିଁ ତୁ ଏହି ଧାମର, ନାହିଁ ତୋର ଏହି ଧାମ ।

ରାଗ, ରୋଷ ଜଞ୍ଜାଳରେ ବିତିଯିବ ଏ ଜୀବନ,
ପରମ ସତ ମରଣ, ଆସିବ ସେ ଗୋଟେ ଦିନ ।

ଇନ୍ଦ୍ରିୟେ ବନ୍ଧା ଶରୀର, ନେବ ତୋତେ କେତେ ଦୂର,
ବର୍ଜି ଲୋଭ, ମୋହ ଘୋର, ଆତ୍ମା ତୋର ଶୁଦ୍ଧ କର ।

ଭକ୍ତି ହିଁ ପରମ ସତ, କୃଷ୍ଣଠାରେ ରଖ ଚିତ୍ତ,
ଭୂଲିଯାଇ ତୋ ଅତୀତ, ଆଜିଠୁ ରହ ଜାଗ୍ରତ ।

ଜନ୍ମ-ମୃତ୍ୟୁର ବନ୍ଧନ, ବରିଥାଏ ସବୁ ପ୍ରାଣ,
ଆଜି ଏଠି, କାଲି ସେଠି, ବାରମ୍ବାର ନେବୁ ଜନ୍ମ ।

ଭୋଗିବୁରେ ତୁ ଯନ୍ତ୍ରଣା, ମନ ହେଲେ ବାଟବଣା,
ତାରକ ସେ କୃଷ୍ଣ ନାମ, ପିନ୍ଧେ କୃଷ୍ଣ ନାଁ ଗହଣା ।

ଭାଙ୍ଗିବ ଚକ୍ର-ଜନମ, କୃଷ୍ଣ ରସ କଲେ ପାନ,
ଫେରିବୁ ତୁ ତୋର ଧାମ, ମୋକ୍ଷ ଲଭିବ ଜୀବନ ।

ଆରେ ବାଇମନ, କେବେ ହେବ ତୋର ବୋଧ ଜ୍ଞାନ,
ନାହିଁ ତୁ ଏହି ଧାମର, ନାହିଁ ତୋର ଏହି ଧାମ ।

# ସମ୍ଭାବନା

କାହିଁ କେତେ ଦୂର...
ଭାଗ ମାପ ଗଣିତର,
ମୁଁ, ଅଣନିଃଶ୍ୱାସୀ ବିଦୁର ।
ଶାଗ ପଖାଳର ଆମନ୍ତ୍ରଣ ଧରି-
ଖୋଜୁଛି ତୁମକୁ,
ମୁଁ ଯାଯାବର ।

ଛୋଟ ବିଶ୍ୱାସର ଅଙ୍କୁରୋଦ୍‌ଗମ
କରାଇଥିଲେ ବନ୍ଧୁ ସୁଦାମ
ଜାତି-ଅଜାତି, ଧନୀ-ଗରୀବ ଭୁଲି
ତୁମେ କର ସଭିଙ୍କୁ ପ୍ରେମ ।

ନାହିଁ ମୋର ସହଦେବର ଏକାଗ୍ରତା,
ଅବା ନାହିଁ ଭୀମର ବଳ ।
ଯୁଧିଷ୍ଠିର ଭଳି ନୁହଁ ମୁଁ ଧର୍ମାର୍ଥୀ,
କିମ୍ୱା ଜାଣିନି ମୁଁ ଅର୍ଜୁନର କୌଶଳ ।
ନକୁଳର ସୁନ୍ଦରତାର କାଣିଚାଏ ନାହିଁ...
ଲଢ଼ିବି କେମିତି ?
ଏଠି ଶକୁନୀ ବଳ ପ୍ରବଳ ।

# ଅସଂପୂର୍ଣ୍ଣ ମୁଁ...

ଅସଂପୂର୍ଣ୍ଣ ମୁଁ...
ଏହି ମହି ମଣ୍ଡଳେ, ବସୁମତୀ କୋଳେ,
ସବୁଠେ ଜୀବନ ପୂର୍ଣ୍ଣ,
ଆଜି ମୁଁ ଖୋଜୁଛି, ସଂସାରେ କେ ଅଛି,
ସତରେ ସିଏ ସଂପୂର୍ଣ୍ଣ !

ଦୁନିଆ ଦେଖୁଛି, କେତେ ଯେ ଭାଙ୍ଗିଛି,
ମୁଁ ଦେବାର ପ୍ରତିଶ୍ରୁତି,
କରିବା ପସନ୍ଦ, ବାନ୍ଧିଥିବା ବନ୍ଧ,
ସବୁ ଠିକ ନୁହଁ କୃତି ।

କେତେବେଳେ ମିଛ, କେତେବେଳେ ସତ,
କେତେବେଳେ କେଉଁ ମତି,
ସାମ-ଦାମ-ଦଣ୍ଡ, କରି ସବୁ ଛନ୍ଦ,
ଖେଳ ସବୁ ଯାଏ ଜିତି ।

ଜାଣେ ମୋର ମନ, ମୋ ପାରିବା ପଣ,
କରେ ମିଶାଣ ଫେଡ଼ାଣ,
ଜୀବ ପାଇଁ ସାଥି, ରହିଛି ଏ ନୀତି,
ସଂସାରରେ ଏ ଚଳଣ ।

# ମୁଁ ସ୍ୱତନ୍ତ୍ର ହେବି

ଖଣ୍ଡ ଖଣ୍ଡ ଭୂଖଣ୍ଡ ଯୋଡ଼ି ଆମେ ହେଲୁ ସ୍ୱତନ୍ତ୍ର,
ଭିନ୍ନ ଭିନ୍ନ ମନକୁ ବାନ୍ଧି ଗାଇଥିଲୁ ବିକାଶ ମନ୍ତ୍ର,
ଦେଖିଥିବା ଚିତ୍ର, ହୋଇଛି ବିଚିତ୍ର,
କାନ୍ଦୁଛି ମୋ ମାଟି, ଛଳନା ର ଲାଠି-
ଚାଲିଛି ଜନତା ବକ୍ଷରେ, ଅନ୍ଧାର ନିରୀହ ଚକ୍ଷୁରେ...
ରାଜ୍ୟ ମୋ ଆଜି ଡାକୁଛି,
ଧରଣୀ ମୂଲ୍ୟ ମାଗୁଛି,
ଆକାଶ ଛାତ ଚିରି କହୁଛି ମୁଁ ସ୍ୱତନ୍ତ୍ର ହେବି ।

ସୁଜଳା ସୁଫଳା ଖେତ, ଖୋଜୁଛି ତାର ଅତୀତ,
ନାହିଁ ସମତା ସଙ୍ଗୀତ, କୃଷ୍ଣ ବଂଶୀ ଏଠି ହତ,
ଗଭୀର ସୁଡ଼ଙ୍ଗ, ଚାଞ୍ଚଲ୍ୟ ମୃଦଙ୍ଗ,
ଅନ୍ଧାରି ବ୍ୟୁହରେ, ଆଲୁଅ ଲୁହରେ-
ଛଟପଟ ନୈତିକ ମନ, ଧର୍ମର ହେଉଛି ଦମନ...
ରାଜ୍ୟ ମୋ ଆଜି ଡାକୁଛି,
ଧରଣୀ ମୂଲ୍ୟ ମାଗୁଛି,
ଆକାଶ ଛାତ ଚିରି କହୁଛି ମୁଁ ସ୍ୱତନ୍ତ୍ର ହେବି ।

# ପଞ୍ଚକନ୍ୟା

ପବିତ୍ର ପ୍ରକୃତି ଗାଥା ପଞ୍ଚଭୂତର ବାରତା
ଅଜନ୍ମା-ଅମୃତ-ସୁତା-ମନୋହାରିଣୀ,
କନ୍ୟା ରାଶିରେ ଜନମ, ପ୍ରକାଶେ ଦେବୀ ସମାନ,
ପବିତ୍ର କୁଆଁରୀ ଧନ-ଅଧିକାରିଣୀ ।
ପଞ୍ଚକନ୍ୟା ନାମେ ବନ୍ଦିତ,
ପ୍ରାତେଃ ସୁମରିଲେ ହୁଏ ପାପ ଖଣ୍ଡିତ ॥୦॥

ରଙ୍ଗ-ରୂପରେ ଅତୁଲ୍ୟା, ଜଳୁ-ଜନ୍ମିଲା ଅହଲ୍ୟା,
ଉର୍ବଶୀ ଦର୍ପ ଭାଙ୍ଗିଲା ଦେଖିଣ କାନ୍ତି,
ବ୍ରହ୍ମା-ସୃଜନ ଆତ୍ମଜା, ଗୌତମ ଋଷି ଭାରିଜା,
ଛଳେ ଆସି ଇନ୍ଦ୍ର ରାଜା ପ୍ରୀତି କରନ୍ତି ।
ପତି ଶାପେ ହୁଏ ପଥର,
ରାମଚନ୍ଦ୍ର ପାଦ ସ୍ପର୍ଶେ ହେଲେ ଉଦ୍ଧାର ॥୧॥

ଦ୍ରୁପଦ ଉଚ୍ଚ ଲଲାଟ, ଦ୍ରୌପଦୀ ଯଜ୍ଞ-ପ୍ରକଟ
ଆଞ୍ଚ ଦେଲା ସେଇ ଘଟ ମହାଭାରତ,
ପାଞ୍ଚ ପତିରୁ ପାଞ୍ଚାଳୀ, ଶ୍ରୀକୃଷ୍ଣଙ୍କ ପ୍ରିୟ ମାଳି
କୁରୁସଭା ମଧ୍ୟେ ଜଳି -ହୁଏ ଲଜ୍ଜିତ ।
ଅଗ୍ନି-ଜାତୁ ସେ ଯାଜ୍ଞସେନୀ,
ଦୃଢ଼ ନିଶ୍ଚିତେ ଧ୍ୱଂସିଲା କୁରୁ-ବାହିନୀ ॥୨॥

# ସ୍ୱଚ୍ଛ ହେବ ଆମ ଓଡ଼ିଶା

ଦେଇଛିରେ ଓଡ଼ିଶା ଡାକରା,
ପରିମଳ ଏ ରାଇଜ ସାରା,
ଘର, ସାହି, ଗାଆଁରୁ ସହର,
ଗର୍ବ ହେବେ ସ୍ୱଚ୍ଛ ଓଡ଼ିଶାର ।

ମୁଁ ସ୍ୱଚ୍ଛ, ଆମେ ସ୍ୱଚ୍ଛ, ସ୍ୱଚ୍ଛ ଗାଁ-ସହର
ଗର୍ବ ଏକା, ଆମେ ଏକା, ଆମ ଓଡ଼ିଶାର ।( ୨ )

ଜପି ଗୋଟିଏ ମନ୍ତ୍ର,
ସାରା ଓଡ଼ିଶା ଯାକ,
ଆଜି ସ୍ୱଚ୍ଛ ଓଡ଼ିଶା ଆହ୍ୱାନେ ସାମିଲ ହେବା...

ବନ୍ଧୁ...
ସବୁ କଣ୍ଠେ ଗୋଟିଏ ଭାଷା,
ସ୍ୱଚ୍ଛ ହେବ ଆମ ଓଡ଼ିଶା,
ସବୁ ମନେ ଗୋଟିଏ ନିଶା,
ସୁସ୍ଥ ହେବ ଆମ ଓଡ଼ିଶା ।

# ସ୍ୱପ୍ନ

ସ୍ୱପ୍ନ ହୁଏନି ସତ... !
ଏହା ମୋ' ବାବାଙ୍କ ମତ !!

ମୁଁ କିନ୍ତୁ ଘୂରୁଛି...
ସେଇ ସ୍ୱପ୍ନ ଦୁନିଆରେ
ଏକା ଜିଦ୍ ମୋର
କରିବି ମୋ' ସ୍ୱପ୍ନକୁ ସାକାର ।

ଗାନ୍ଧୀ ନ ଦେଖିଥିଲେ ସ୍ୱପ୍ନ...
ସ୍ୱାଧୀନ ଭାରତର...
ଏବେବି ପରାଧୀନ ଥା'ନ୍ତେ
ଇଂରେଜ ଆଜ୍ଞାରେ ହୁଅନ୍ତେ ଚାଳିତ ।

ଅମ୍ବାନୀ ଠାରୁ ମିତ୍ତଲ ଯାଏଁ
ଦେଖି ନଥା'ନ୍ତେ ଯଦି ସ୍ୱପ୍ନ...
ଜଗତୀକରଣର ଦୁନିଆରେ
ବହୁ ପଛରେ ଥାଆନ୍ତା ଭାରତ ।

# ବସନ୍ତ

ସମୀରେ ମଧୁ ବହିଲା, ପ୍ରକୃତି ଗୀତ ଗାଇଲା,
ଉପବନେ ପ୍ରଜାପତି ପୀରତି ପଥେ ଧାଇଁଲା,
ମୌସମେ ମିଶିଲା ଖୁସି, ନୂତନ ଉନ୍ମାଦେ ଆସି...
ସୃଷ୍ଟିର ସମ୍ଭାର ଋତୁରାଜ ବସନ୍ତ ବାହିଲା ।

ତରୁ ଯାଏ ଲାଜେଇ, ଫୁଲ-ବଉଳରେ ହଜେଇ,
କୋଇଲିର କୁହୁ କୁହୁ, ମନକୁ ନିଏ ମଜେଇ,
ରାସ୍ତା-ଘାଟେ ମହକ, ସମ୍ଭାବନାର ଶୁଭେ ଡାକ...
ପ୍ରେମ-ଭକ୍ତିର ଅବିର ପ୍ରେମିକ ଚାଲେ ବିଛେଇ ।

ବସନ୍ତ ବଢ଼ାଏ ଆଶା, ମନ କହେ ପ୍ରେମ ଭାଷା,
ମହାନନ୍ଦେ ଜୀବାତ୍ମା, କରେ ପରମାତ୍ମାର ଆଶା,
କୃଷ୍ଣଙ୍କପ୍ରେମ ବାରି, ଭିଜନ୍ତି ସବୁ ନର ନାରୀ....
ପରମ ସୁଖର ପ୍ରାପ୍ତି, ସାଜେ ବୈଷ୍ଣବର ନିଶା ।

ସୁବାସ ସୁମନ ଶେଯ, କାହ୍ନୁଙ୍କ ରାସ ମଉଜ,
ଉଡ଼େ ଅବିର, ପାଦ ଅଧିର, ଭକ୍ତିର ସଉର୍ଯ୍ୟ,
ଶୁଣି ବଂଶୀର ସ୍ୱନ, ବାଇ ମନ ହୁଏ ଉଛନ୍ନ...
ସୁମଧୁର ସତସଙ୍ଗେ ବୁଡ଼ଇ ପ୍ରତିଟି ଆର୍ଯ୍ୟ ।

# ଭାଇ

ସମ୍ପର୍କ... ଏବେ ଅଛି ତ ପୁଣି ଏବେ ନାହିଁ,
ସମ୍ପର୍କ... କେବେ ଖରା ତ ପୁଣି କେବେ ଛାଇ,
ଏ ସମ୍ପର୍କକୁ ସମ୍ଭାଳିଛୁ ତୁ କୃଷ୍ଣ ହୋଇ,
ପୁଣି, ଲକ୍ଷ୍ମଣ ସାଜି ସବୁ ଯାଇଛୁ ସହି ।

ଗୋଟିଏ ଗର୍ଭରୁ ଆମେ ଜନମ ହୋଇଲେ,
ଗୋଟିଏ କାନ୍ଧରେ ଆମେ ଦୁନିଆ ଦେଖିଲେ,
ଗୋଟିଏ ସଂସ୍କାରେ ଆମେ ବଢ଼ିଲେ, ଶିଖିଲେ,
ଭାବ-ବନ୍ଧର ମର୍ଯ୍ୟାଦାକୁ ଆମେ ରଖିଲେ ।

କେମିତି କେଜାଣି ବୁଝିଯାଉ ମନ କଥା,
ଫେଡ଼ି ନେଇଯାଉ ମୋର ଯେତେ ସବୁ ବ୍ୟଥା,
ପୁଣି ବାଣ୍ଟିଥାଉ ସଦା ଖୁସିର ବାରତା,
ଏ ଜୀବ-କାଳେ, ତୋ ସଂଗତ, ଲେଖିଛି ମଥା ।

ତୁ ଥିଲେ ମୋର ଡର କାହାକୁ.. ତୁ ଅଭୟ,
ତୋ ସାଥେ ମୁଁ ଲଙ୍ଘେ ଅଭେଦ୍ୟକୁ... ତୁ ମୋ ଲୟ,
ନିଷ୍କପଟ, ନିର୍ମଳ ତୋ ମନ... ନିରାମୟ,
ରହିବୁ ପାଖେ ହେଲା ବେଳକୁ ମୋ ବିଳୟ ।

# ମନ କଥା

'କ' ଅନୁପ୍ରାସ
ରାଗ: ଆଶାବରୀ -ଶୈଳୀ: ଚଉପଦୀ - ତାଳ: ଆଠତାଳି

କଥା ମୋ ମନର, ଡରଲାଗେ କହିବାକୁ,
କାଳେ, ସେ ଖରାପ ଭାବିବ ବୋଲିତ, ମନ କହେ ରହିବାକୁ ।(ଘୋଷା)

କଳ୍ପନାରେ ମୋର, କାହିଁ କେତେବାର, ଭାବେ ହାତ ଧରିବାକୁ
କଳ୍ପନାଟା ମୋର, କଳ୍ପନାରେ ରହେ, ଭାଗ୍ୟେ ନାହିଁ ବରିବାକୁ ॥୧॥

କନକନ ମନ, ହୁଅଇ ଉଛନ୍ନ, ମନ କଥା କହିବାକୁ,
କୁତୁକୁତୁ ଛାତି, ଜଗି ବସିଛି, ମଦନ-ଶରେ ଦହିବାକୁ ॥୨॥

କମଳ ନୟନା, କରେ ମୁଁ ଯୋଜନା, କେତେଥର ମିଶିବାକୁ,
କନ୍ଦର ଭିତର, ଦୁଃଖ ଯେତେ ତୋର, ମିଶି ସବୁ ସହିବାକୁ ॥୩॥

କପୋତ ପରାଏ, ମୁଁ ଛଟପଟାଏ, ସାଥେ ତୋର ବସିବାକୁ,
କର୍ପୂର କପାଳେ, ନିତି ନିତି ଜଳେ, ହୃଦୟରେ ପଶିବାକୁ ॥୪॥

କରୁଣା କରହେ, କେଶବ ବର ହେ, ଏତେ ଦୁଃଖ ସହିବାକୁ,
କଥା କିନ୍ତୁ ଏଠି, ରହିଛି ଅଟକି, ମନକଥା କହିବାକୁ ॥୫॥

# ଖେୟାଲୀ ମନ

'ଖ' ଅନୁପ୍ରାସ

ଖେୟାଲୀ ମନଟା ମୋର ଘୂରି ବୁଲେ ଖିଆଲେ,
ଖାତିରି ନ କରେ ସେହି, ଯେତେ ଯାହା କହିଲେ ॥ ଘୋଷା ॥

ଖଗ ଭଳି ଯାଏ ଉଡ଼ି ଦୁଆରରୁ ଦୁଆର,
ଖୋଜୁଥାଏ ମନଟିଏ ରାସ୍ତା, ଘାଟ, ବଜାର,
ଖମଣି ପରାଏ ଜଳେ, ଲେଖା ତା'ର କପାଳେ...
ଖେୟାଲୀ ମନଟା ମୋର ଘୂରି ବୁଲେ ଖିଆଲେ ॥୧॥

ଖରଚ କଲାଣି ମନ କାହିଁ କେତେ ବରଷ,
ଖିଅଟିଏ ବାନ୍ଧୁଥାଏ ପାଇବାକୁ ହରଷ,
ଖାନକୀ ଭାଗ୍ୟରେ ଖିଲ, କେତେ ମୂଷା ପୋଷିଲେ...
ଖେୟାଲୀ ମନଟା ମୋର ଘୁରି ବୁଲେ ଖିଆଲେ ॥୨॥

ଖଟକା ହେଲାଣି ଭାଗ୍ୟେ, ମିଳିବକି ଖଞ୍ଜନ ?
ଖଞ୍ଜଣୀ ଧରି ବଜାଏ, କରି ନାନା କୀର୍ତ୍ତନ,
ଖଣ୍ଡ ଭଳି ଖୋଜୁଥାଏ ଖଚ ମିଛ ଖଗୋଳେ...
ଖେୟାଲୀ ମନଟା ମୋର ଘୂରି ବୁଲେ ଖିଆଲେ ॥୩॥

ଖଣ୍ଡପରୁଶୁଙ୍କୁ ଡାକେ ପ୍ରତି ପ୍ରତି ନିମିଷେ,
ଖଞ୍ଜିଦେବେ ମନଟିଏ କାହିଁ କେଉଁ ଦିନ ସେ,
ଖାସ ତାଙ୍କ ପାଇଁ ବ୍ରତ କରୁଥାଏ ସେ ଭଲେ,
ଖେୟାଲୀ ମନଟା ମୋର ଘୂରି ବୁଲେ ଖୁଆଲେ ॥୪॥

**ପାଦଟୀକା:**

ଖେୟାଲୀ- ଚିନ୍ତା
ଖମଣି - ସୂର୍ଯ୍ୟ
ଖଗ - ପକ୍ଷୀ
ଖିଅ- ସୁତା ଧଡ଼ି
ଖାନକୀ - ବେଶ୍ୟା
ଖିଲ - କୀଳା

ଖଟକା- ସନ୍ଦେହ
ଖଞ୍ଜନ - କଜଳପାତି, ସୁନ୍ଦର ପକ୍ଷୀ
ଖଣ୍ଟ - ଡକାଏତ
ଖଚ - ଚୁଗୁଲି
ଖଗୋଳେ - ଆକାଶ ମଣ୍ଡଳ, ବ୍ରହ୍ମାଣ୍ଡ
ଖଣ୍ଡପରୁଶୁ - ଶିବ
ଖଞ୍ଜିଦେବ- ଦେଇଦେବ, ଆଣିଦେବ

# ଶପଥ

ପ୍ରେମର କଥନ, ସଂସାର ବଚନ,
ଦୁଇଟି ଶରୀର ଗୋଟିଏ ଜୀବନ,
ଲେଖା ଆମ ପାଇଁ, ଦୁଇ ମତ ନାହିଁ,
ସମୟ ପଢ଼ିଛି ଆମ ଦୁଇ ମନ ।

ମନେ ଏକ ପତି, ବୋଲାଏ ସେ ସତୀ,
ଏଇ ଯୁଗେ ହେବ ତୁମରି ଗଣତି,
ବାଛି ମୋତେ ସାଥି, ଗାଇ ମଧୁ ଗୀତି,
ନିତି ବାଢ଼ ତୁମେ ପ୍ରେମର ପ୍ରଣତି ।

ତୁମ ପ୍ରେମ ସାର, ସ୍ୱର୍ଗଠୁ ସୁନ୍ଦର,
ପାରିଜାତ ତୁମେ ମୋ ମନ ବନର,
ସୌରଭରେ ଭରା, ତୁମ ଆତ୍ମା ସାରା,
ପ୍ରେରଣା ତୁମେ ମୋ ଚଗଲା ମନର ।

ସବୁ ଦୀର୍ଘ ପଥ, ଚାଲିବି ନିତାନ୍ତ,
ସ୍ମୃତିର ବିହନ ବୁଣି ସବୁ ବାଟ,
ସବୁଦିନ ନୂଆ, ହେବ ଏ ଦୁନିଆ,
ତୁମ ମନରଂଜନେ କରିବି ନାଟ ।

ଜାଣୁ ଏ ଜଗତ, ମୁଁ ପ୍ରେମେ ଉନ୍ମତ୍ତ,
ତୁମ ପ୍ରେମ ପାଇଁ ମୁଁ ସଦା ଜାଗ୍ରତ,
ସଂସାର ରଥ, ଯିବ ଅନବରତ,
ବିବାହ ବାର୍ଷିକେ କରୁଛି ଶପଥ ।

# ତୁମେ ଆଉ ମୁଁ-୨

ବିକଳାଙ୍ଗ ମୁଁ ଆଜି
ଅଂଗ ଅଂଗ ମୋର ଧସି ଯାଇଛି
ସମୟର ନିଗଡ଼ ଚାପରେ ।
କଳାକାର ଟିଏ ହୋଇଥିଲେ ଭଲ ହୋଇଥାନ୍ତା...
ଅଭିନୟ କରି ମୁକୁଳି ପାରନ୍ତି
ଜୀବନର ଭାଙ୍ଗ ମାପରେ ।

ସମୟ... ଶ୍ରୀହୀନ କରିସାରିଲାଣି
ନୀତି, ଅନୀତିର ବୋଧ ମରିସାରିଲାଣି
ଭୟଙ୍କର ଦେଖାଗଲାଣି ଚେହେରା ମୋର
କଳେ, ବଳେ ଓ କଉଶଳେ ପାଇବାର ଆଶା
ବଡ଼ଲୋକ ହେବାପାଇଁ କରେ ବେଉସା
ନିଜଠୁ ମୁଁ ଚାଲିଗଲିଣି ଅନେକ ଦୂର ।

ଆଉ ନାହିଁ ସେହି ସରଳିଆ ମୂର୍ତ୍ତି
ନାହିଁ ସେଇ ଜହ୍ନ, ନାହିଁ ସେଇ ରାତି
ବଦଳି ଗଲାଣି ମୋ ପାଇଁ ଦିନ ସବୁ ।
ଭିତରଟା ମୋର ମ୍ୟୁନ୍‌ସିପାଲଟି ନାଳ
ପଦାଟା ମୋର ଚାକଚକ୍ୟ ପ୍ରବଳ
ଡଣ୍ଡି ଚିପି, ଟାଇବାନ୍ଧି, ଆଜି ମୁଁ ବାବୁ ।

# ଜହ୍ନ ରାତି-୧

ସଂସାରର ମତି, ବୁଝେନାହିଁ ପିରତୀ,
ବିଚ୍ଛେଦ ହିଁ ଶ୍ରେୟ, ନାହିଁ ମିଳନ ସାଥୀ,
ଆମ ପ୍ରେମକୁ ସାକ୍ଷୀ, ଖାଲି ଜହ୍ନ ରାତି,
ଦିନ ଆଲୁଅରେ ମିଳିବନି ସମ୍ମତି ॥୦॥

ଶୀତଳ ଜୋଛନାରେ, ତୁମେ ମୋ ଭୁଜରେ,
ହଜିଯିବା ଆମେ ନିଜ ନିଜ ଭିତରେ ।
ତାରାର ସହରରେ ଘରଟେ ତୋଳିବା,
ମେଘ ସାଥେ ଆମେ ଲୁଚକାଳି ଖେଳିବା !
ସମୟ ଥମିବ ଦେଖି ଆମ ପିରତି,
ଆମ ପ୍ରେମକୁ ସାକ୍ଷୀ, ଖାଲି ଜହ୍ନ ରାତି ॥୧॥
ସଂସାରର ମତି, ବୁଝେନାହିଁ ପିରତି ॥ ଘୋଷା ॥

ଆଜି ସାରା ସମାଜ ଈର୍ଷାରେ ଜଳନ୍ତି,
ଆମ ଯୋଡ଼ି ଲାଗେ ରାଧା-କୃଷ୍ଣ ମୂରତି ।
ପ୍ରେମ ଅନ୍ଧ ଦୁନିଆ, ପ୍ରେମକୁ ଚିଡ଼ଇ,
ପ୍ରେମ ସମ୍ପର୍କକୁ କଳୁଷିତ ବୋଲଇ ।

ପିରତି (ପ୍ରୀତି ଶବ୍ଦର ଅପଭ୍ରଂଶ) = ସ୍ନେହ

# ଭୁଲିବି କେମିତି ତା'କୁ...

ଭୁଲିବି କେମିତି ତା'କୁ ?
କଳ୍ପନା ଯାହାର ଆଳୟ,
ସ୍ୱପ୍ନର ଯିଏ ବଳୟ,
ହୃଦୟରୁ କେମିତି ତଡ଼ିବି ?
ଯା'ର ସମ୍ପର୍କ ହୃଦୟ ସାଥେ... ।

ନିଶ୍ୱାସଠୁଁ ମୁଁ କେମିତି ହେବି ଅଲଗା !
ଆତ୍ମୀୟଙ୍କୁ କେମିତି ଦେବି ମୁଁ ଧୋକା !!

ସଂପର୍କ...
ନୁହେଁ କେବେ ଅଦିନିଆ ମେଘ-
ଯେ' କେବଳ ବର୍ଷି ଚାଲିଯିବ... !!!
ନୁହେଁ ସେ ରାତିର ଶେଫାଳି
ଅଜ୍ଞାତରେ ଝଡ଼ି ମଉଳି ଯିବ... !
ଏ... ନୁହେଁ ମୁହୂର୍ତ୍ତକ ପାଇଁ-
ଏହା ଜନ୍ମ ଜନ୍ମାନ୍ତର କଥା ।

କଇଁକୁ କେବେ ଭୁଲିବକି ଚନ୍ଦ୍ର !
ପଦ୍ମକୁ କେବେ ବିସ୍ମରିବ ସୂର୍ଯ୍ୟ !!

# ଶେଷ ପଦ

॥ ତୁମ ବିହୁନେ ॥
ବଞ୍ଚି ହୁଏନା, ସଖୀ, ତୁମ ବିନା, ଫେରି ଆସ ପୁଣି ଜୀବନେ,
ସୁଗନ୍ଧିତ ହେବ ମନ ଉପବନ, ମଳୟ ବହିବ କାନନେ,
ନିଃସହାୟ ମୁଁ, ପଥର ପରାଏ, ଭୁଲିଛି ବଞ୍ଚିବାର ସ୍ୱାଦ–
ମୁଁ ଆଉ ମୁଁ ହେଇ ରହିନାହିଁ, ଜଡ଼ ସାଜିଛି ତୁମ ବିହୁନେ ।

॥ ଭାବଗ୍ରାହୀ ॥
ତୁମେ ଛାଡ଼ିଗଲ ଭବ ସାଗରରେ ଭାବନାର ନୌକା ଦେଇ,
ଲହଡ଼ି ଖେଳୁଛି, ନଉକା ବୁଲୁଛି, ଦିଗ ପାଇଁ କାତ ନାହିଁ,
ସଅଳେ ସଅଳେ ଫେରି ଆସ ତୁମେ, ନଉକାର ରକ୍ଷା ପାଇଁ...
ତୁମ ବିନା ଆଉ ଭଲ ଲାଗୁନାହିଁ, ବାରେ ଶୁଣ ଭାବଗ୍ରାହୀ ।

॥ ଶେଷ ଡାକରା ॥
ଭାଙ୍ଗି ଯାଇଛି ମୁଁ, ଖାଲି ଭୂଇଁରେ ବିଛିବାର ଅଛି ବାକି,
ଆଉ କିଛି ମୁହୂର୍ତ୍ତ ରହିଛି, ତାହା ବିତିବାର ଅଛି ବାକି,
କିଛିଟା ନିଃଶ୍ୱାସ, ଆସି ଶରୀରରେ ବହିବାର ଅଛି ବାକି...
ଆଉ ଜୀବନ ପୃଷ୍ଠାରେ କିଛି ଲେଖା ଲେଖିବାର ଅଛି ବାକି ।

ପ୍ରତ୍ୟହ ମୃତ୍ୟୁ, ମୋର କାନରେ ଆସି କହେ... ତୁମେ ଆସିଯାଅ
ସଂସାର ମାୟାର ଆଉ କେଉଁ ରୂପ ଦେଖିବାର ଅଛି ବାକି ?

## ॥ ପୃଷ୍ଠବନ୍ଧ ॥

**ଡକ୍ଟର ହରିକୃଷ୍ଣ ନାୟକ**
ଏମ୍.ଏ., ପିଏଚ୍.ଡି. (ବି.ୟୁ)
ଅଧ୍ୟକ୍ଷ (ସେବାନିବୃତ୍ତ)



## ମନ କଥା : ଏକ ସମୀକ୍ଷା

ଲେଖକ ହେଉଛନ୍ତି ଯୁଗର ଶ୍ରେଷ୍ଠ ସଚେତନ ବିନ୍ଦୁ । ତାଙ୍କର ସୃଷ୍ଟି ହିଁ ସାହିତ୍ୟ । ସାହିତ୍ୟ ସାମାଜିକ ଜୀବନର ପ୍ରତିନିଧି । ସାମାଜିକ ଭିତ୍ତିଭୂମି ଉପରେ ପ୍ରତିବିମ୍ବନକରେ ସାହିତ୍ୟ । ସାହିତ୍ୟ ହେଉଛି ପରିବର୍ତ୍ତନଶୀଳ ମାନବୀୟ ମୂଲ୍ୟବୋଧ ଆଧାରିତ ଏକ ପ୍ରବହମାନ ସ୍ରୋତସ୍ୱିନୀ ଏବଂ ଏହା ଜୀବନ ଜଗତକୁ ଉନ୍ମୋଚିତ କରିବାର ଅନ୍ୟତମ ମାଧ୍ୟମ । ସାମାଜିକ ସଂସ୍କାର ତଥା ଆଦର୍ଶବାଦର ପ୍ରଚାରରେ ଲେଖକ ତାଙ୍କ ଭୂମିକାକୁ ନେଇ ପଦ୍ୟ ଓ ଗଦ୍ୟର ମୂଲ୍ୟାୟନ କରନ୍ତି । ନିଜର ସାଧନା ଓ ନିଷ୍ଠାବଳରେ ସେ ବିଭିନ୍ନ କ୍ଷେତ୍ରରେ କବିତ୍ୱ ହାସଲ କରିବା ସଙ୍ଗେସଙ୍ଗେ ସଫଳ ହୁଅନ୍ତି । ସଫଳ ହୋଇଥିବା ସ୍ରଷ୍ଟା ମାନଙ୍କ ମଧ୍ୟରେ ଶ୍ରୀ ଆଦିତ୍ୟ ପ୍ରତାପ ନାୟକ ଅନ୍ୟତମ ସ୍ରଷ୍ଟା । ସ୍ରଷ୍ଟାର ସୃଷ୍ଟି କବିତ୍ୱର ସ୍ପର୍ଶରେ ଯେତିକି ଋଦ୍ଧିମନ୍ତ କଳ୍ପନାର କମନୀୟତାରେ ସେତିକି ବାଙ୍ମୟ ।

କବି ସାଧାରଣ ମଣିଷ ଠାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ । କବିତ୍ୱ ଈଶ୍ୱର ଦତ୍ତ ଏକ କଳା, ଆମେ ଯାହାକୁ ତୁଚ୍ଛ, ନଗଣ୍ୟ ଓ କୁତ୍ସିତ ମନେକରୁ ତାହା କବି ଲେଖନୀରେ ଅପରୂପ ରମଣୀୟ ଏବଂ ମନୋରମ ବସ୍ତୁ ରୂପେ ପ୍ରତିପାଦିତ । କବି ହୃଦୟର ଦିବ୍ୟ ଭାବାନୁଭୂତି ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତି ହିଁ କବିତା । ଗିରି ଗହ୍ୱରରୁ ବନ ନିର୍ଝରଣୀ ଝରି ଆସିବାପରି କବି ହୃଦୟରୁ ଝରିଆସେ କବିତାର ଧାରା । କବିତା ସ୍ମୃତି ଓ ସ୍ୱପ୍ନର ପ୍ରତୀକ, ଆଶା ଓ ଆକାଙ୍କ୍ଷାର ସଙ୍କେତବାହୀ, ଜୟ ଓ ପରାଜୟର ପ୍ରାଣସତ୍ତା । କବିହିଁ ତା'ଛନ୍ଦହରା ଜୀବନକୁ ଛନ୍ଦମୟ କରେ – ସୁରଭିହୀନ ଜୀବନରେ ସୁଗନ୍ଧ ଭରିଦିଏ, ବନ୍ଧୁହରା ଜୀବନରେ ମମତାର ସ୍ପର୍ଶ ଦିଏ ।

ସେ ଏକାଧାରରେ ଜଣେ କବି, ପ୍ରାବନ୍ଧିକ, ଔପନ୍ୟାସିକ, ସଙ୍ଗଠକ, ଉଦ୍ୟୋଗୀ ଏବଂ ସମାଜସେବୀ ଭାବେ ବିପୁଳ ଯଶର ଅଧିକାରୀ । କବି ଆଦିତ୍ୟପ୍ରତାପ ଆଧୁନିକ ଓଡ଼ିଆ କାବ୍ୟ କବିତା ଧାରାରେ ଜଣେ ବାସ୍ତବବାଦୀ କବି । ଉତ୍ତର ପୀଢ଼ିର ଓଡ଼ିଆ କବିତାକୁ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ ।

ଅନନ୍ତ ଆକାଶରେ ଅଜସ୍ରଚିତ୍ରକରର ଆବିର୍ଭାବଭଳି କବିଙ୍କ ମନ-ଆକାଶ ବହୁ ଚିନ୍ତା ଚେତନାର ଲୀଳାଭୂମି । ଏଠି କେତେକ ସ୍ମୃତିର ମୟୂର ନାଚେ । କେତେ ଅନାହତ ଚେତନା ସବାକ୍ ହୁଏ । କେତେ ଅବଚେତନ ମନ ଧରାଦିଏ । କିନ୍ତୁ ଆକାଶର ଅଖଣ୍ଡ ନିଳିମାପରି ସ୍ରଷ୍ଟା ଚିତ୍ତ ରାଜ୍ୟରେ ଏକାକାର ହୋଇଯାଏ । ସୃଷ୍ଟିର ବିପୁଳ ଦିଗନ୍ତରେ ସେ ସବୁ ଶୁଣି ଅନନ୍ତ ସାଗର ପରି ଉଦ୍‌ବେଳିତ ହୋଇ ଉଠନ୍ତି । ତଥାପି କବି ଅତି ସନ୍ତର୍ପଣ ସହକାରେ ଆପଣାର ସୃଷ୍ଟି ସମୂହରେ ବର୍ଣ୍ଣୋଜ୍ୱଳ ରୂପ ପ୍ରଦାନ କରିଥାନ୍ତି । ଜୀବନ ବୃତ୍ତ ଓ ସାମାଜିକ ପରିବେଶ ଉଭୟ ସ୍ରଷ୍ଟାଙ୍କ ସୃଷ୍ଟିରେ ରୂପାୟିତ ହୁଏ । ତେଣୁ ସ୍ରଷ୍ଟା ସ୍ୱୀୟ ଜୀବନର ଅନୁଭବକୁ ସ୍ୱକୀୟ କୃତିରେ ପୁନଃ ସୃଜନ କରି ଯଶଲାଭ କରିଛନ୍ତି । କବିଙ୍କ ଆକାଙ୍‌କ୍ଷା ସୁଦୂରପ୍ରସାରୀ । ଏଣୁ କବି ସ୍ୱୀୟ ସୃଷ୍ଟିର ଲକ୍ଷଣ ଦେଖି ନାମକରଣ କରିଥାନ୍ତି । ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନଶ୍ରେଷ୍ଠ । ଏହା ବଡ଼ ବିଚିତ୍ର । ବିଚିତ୍ର ମଧ୍ୟ ଏହାର କାର୍ଯ୍ୟକଳାପ, ସମୟର ଗତିଚକ୍ରରେ ପ୍ରାଣୀମାନଙ୍କ ମଧ୍ୟରେ ମନର ଆତ୍ମପ୍ରକାଶ ନିହିତ । ଏଠାରେ ବିଚାର ଓ ଦୃଷ୍ଟିଭଙ୍ଗୀ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଓ ସୀମିତ ହୋଇଥାଏ । ପ୍ରକୃତ ପକ୍ଷେ ମନଭିତରେ ଏକ ସାର୍ବଭୌମ ଇଚ୍ଛାଶକ୍ତି ଗୁପ୍ତଭାବରେ ରହିଥିବା ସ୍ପଷ୍ଟ ହୁଏ । କଥିତ ଅଛି– 'ମନ ଏବ ମନୁଷ୍ୟାଣଂ କାରଣଂ ବନ୍ଧ ମୋକ୍ଷ ୟୋଃ' ମାନବ ପକ୍ଷରେ ମନ, ବନ୍ଧନ ତଥା ମୁକ୍ତିର କାରଣ ଅଟେ । ତାଙ୍କର ମନର କଥା ଅତ୍ୟନ୍ତ ବ୍ୟକ୍ତିଗତ, ଚେତନ ଓ ଅବଚେତନର ବିଭିନ୍ନ ସ୍ତରକୁ ଉନ୍ମୋଚନ କରି ସ୍ୱୀୟ କବିତା ମାଧ୍ୟମରେ ଆରମ୍ଭ ହୋଇଛି ତାଙ୍କ ମନର କଥା । ତାଙ୍କର ସମାଜନୀତି, ସଂସ୍କାର-ପ୍ରବଣତା ଓ ଅନୁଭୂତି ବହୁଳ ଜୀବନର ଅଭିଜ୍ଞତାକୁ ନେଇ ସେ ସୃଷ୍ଟି କରନ୍ତି ତାଙ୍କ କଥା । ବାସ୍ତବିକ୍ 'ମନକଥା'ରେ ତାଙ୍କ ପ୍ରତ୍ୟେକ କବିତାର ସିଦ୍ଧି ହିଁ ପରିଲକ୍ଷିତ । ଅରୂପକୁ ରୂପ ଦେବାର ପ୍ରୟାସ ଭିତରେ କବି ଆରମ୍ଭ କରିଛନ୍ତି କବିତା ମାଧ୍ୟମରେ ଏକ ମୁକ୍ତ କଥାଯାତ୍ରା । ସେହିପରିପ୍ରେକ୍ଷୀରେ କବି ଆଦିତ୍ୟ ପ୍ରତାପ ନାୟକଙ୍କ କବିତା ସଂକଳନ 'ମନକଥା' ଏହାର ସାର୍ଥକ ଉଦାହରଣ । ଦେହ ଏବଂ ଆତ୍ମାର ଏକ ମଧୁର ମିଳନ ହିଁ ତାଙ୍କ କବିତା ରାଜିର ମର୍ମବାଣୀ ।

'ଜହ୍ନରାତି' ଯୌବନର ଉଚ୍ଛ୍ୱାସର ଉଚ୍ଚାରଣ । ଏଥିରେ ପ୍ରେମର ଉଦ୍ଦାମତା ଅଛି । ବାସ୍ତବିକ ପ୍ରେମ କଳ୍ପନା ଜରିଆରେ ଆତ୍ମିକ ଜଗତକୁ ସୁରଭିତ କରିଛି ।

କବି ଭଲ ପାଇଛନ୍ତି ରୂପବତୀ, ରସବତୀ ପ୍ରେମିକାର ସାକାର ରୂପ ଓ ନିରାକାର ରସ ମାଧୁର୍ଯ୍ୟକୁ । ଜ୍ୟୋତ୍ସ୍ନାସ୍ନାତ ରଜନୀରେ ଭାବ-ବିଳାସୀ ହୋଇପଡିଛନ୍ତି କବି । ତାଙ୍କ ଭାଷାରେ-

"ସେ ଜହ୍ନ ରାତିରେ, ମନଭିଜିଥିଲା ତୁମ ପ୍ରେମରେ ।"

ଜହ୍ନ ରାତିରେ ରାସକ୍ରୀଡ଼ା, ଜ୍ୟୋତ୍ସ୍ନାରେ ମାତାଲ ପ୍ରେମିକ ପ୍ରେମିକା ।

ଉଭୟେ ପ୍ରେମରେ ଭିଜିଥିଲା ବେଳେ କବିଙ୍କ ମନସ୍ତାତ୍ତ୍ୱିକ ବିଶ୍ଳେଷଣ, ରୋମାଣ୍ଟିକ ଆବେଗ ଓ ସୌନ୍ଦର୍ଯ୍ୟ ଚେତନାର ସ୍ଫୁରଣ ଆଦିରସର ଭାବ ସୃଷ୍ଟି କରିଛି ।

ବାସନାର ଉଦ୍‌ବେଳନର ଦେହ ସହ ଦେହର ମିଳନ ପୂର୍ଣ୍ଣ କରିବାକୁ ଉଭୟେ ପ୍ରେମିକ ପ୍ରେମିକା ଆକୁଳ ହୋଇ ଉଠନ୍ତି । ଏବଂ ପରବର୍ତ୍ତୀ ସେମାନଙ୍କ ଅଭିଳାଷ ପୂର୍ଣ୍ଣପରେ ସୁଖ ଓ ଆନନ୍ଦ ମଧ୍ୟ ଅନୁଭବ କରନ୍ତି । କବିଙ୍କ ଭାଷାରେ -

"ଆତ୍ମା ସହ ଆତ୍ମାର...ହେଲା ମିଳନ
ଗଢ଼ିଦେଲି ଯେଉଁ ପ୍ରେମର ତୋରଣ ।"

କେବଳ ପ୍ରେମନୁହେଁ ବ୍ୟାପକ ଅର୍ଥରେ ରୋମାଣ୍ଟିକ୍ ଚେତନା ଶ୍ରୀଯୁକ୍ତ ନାୟକଙ୍କ ମାନସିକତାକୁ ଆଚ୍ଛନ୍ନ କରି ରଖିଛି । ଆବେଗମୟ ଅନୁଭବର ଗୁରୁତ୍ୱ ଆରୋପ ହିଁ କବିଙ୍କ ଏହି କବିତାର ବିଶେଷତ୍ୱ ।

ଭାବ ହିଁ କବିତାର ପ୍ରାଣ । ଏହି କାରଣରୁ ଭାଷା ହିଁ ତା'ର ଶରୀର ଅଟେ । ବସ୍ତୁତଃ କବିଙ୍କ କବିତାଦ୍ୱୟ 'ମନ' ଓ 'ଖେୟାଲୀ ମନ'ର ଶବ୍ଦପ୍ରୟୋଗ ଓ ଶବ୍ଦ ଚୟନ ବେଶ୍ ଉଚ୍ଚକୋଟୀ । ସୁତରାଂ ଶବ୍ଦ ପ୍ରୟୋଗର ଚାତୁର୍ଯ୍ୟ ପ୍ରଦର୍ଶନ ନିମିତ୍ତ କବି ଗୋଟିଏ ନିର୍ଦ୍ଦିଷ୍ଟ ଅକ୍ଷରକୁ ମଧ୍ୟ ଆଦ୍ୟ ନିୟମରେ ରଖି ସୁନ୍ଦର ଭାବେ କବିତା ରଚନା କରିଅଛନ୍ତି ।

କବିଙ୍କର ଅନ୍ୟ କିଛି କବିତାରେ ଅଛି ଜୀବନର ସୁଖ, ଦୁଃଖ, ଯନ୍ତ୍ରଣା, ଫୁଲ ଓ ଫଗୁଣର ସ୍ୱର୍ଗୀୟ ସୁଷମା ଏବଂ ତାଙ୍କ ଜୀବନର ବିଭିନ୍ନ ଦିଗକୁ ପାଥେୟ କରି ରହିଛି ଦର୍ଶନର ଚିନ୍ତାଧାରା ।

ମୋଟ ଉପରେ କହିବାକୁ ଗଲେ କବି ସ୍ୱୀୟ କବିତା ଭିତରେ ଓଡ଼ିଆ ଜନଜୀବନର ସାମାଜିକ ଚଳଣି, ସାଂସ୍କୃତିକ ମୂଲ୍ୟବୋଧ, ଋତୁକାଳୀନ (Seasonal)

ଚିତ୍ର, ରୋମାଣ୍ଟିକ୍ (Romantic) ଚେତନା ଓ ପ୍ରଗତିଶୀଳ ଭାବାବେଗ ଓ ସୌନ୍ଦର୍ଯ୍ୟ ଚେତନାକୁ ଅତି ଚମତ୍କାର ଭାବରେ ରୂପ ପ୍ରଦାନ କରିଛନ୍ତି । 'ମନକଥା'ର ଏହା ଏକ ସଂକ୍ଷିପ୍ତ ଆଲୋଚନା ମାତ୍ର । କିନ୍ତୁ ଏହାର ସବୁ କବିତାର ଆଲୋଚନା କଲେ ଏକ ସ୍ୱତନ୍ତ୍ର ପୋଥି ହେବ ।

କବି ସ୍ୱ କୃତିରେ ସରଳ ବୋଧଗମ୍ୟ ଭାଷାରେ ନିଜ ଅଭିବ୍ୟକ୍ତିକୁ ପ୍ରକାଶ କରିଛନ୍ତି । ନୂତନ ଦୃଷ୍ଟିଭଙ୍ଗୀ, ସଂସ୍କାର ପ୍ରବଣତା ଓ ଅନୁଭୂତିର ସ୍ପର୍ଶରେ କବିଙ୍କ କବିତା ସର୍ଜନାରେ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ । ବାସ୍ତବିକ ତାଙ୍କ ଲେଖନୀ ହିଁ ତାଙ୍କ ପାଇଁ ଦିବ୍ୟାସ୍ତ୍ର ।

କବିଙ୍କ ଏହି 'ମନ କଥା' ପାଠକ, ପାଠିକାଙ୍କ ମନରେ ସରସ ଭାବର ଝଙ୍କାର ଓ ସଦ୍‌ଗୁଣାବଳୀର ଗୁଞ୍ଜନ ସୃଷ୍ଟି କରିବ ବୋଲି ଆଶା । ପରିଶେଷରେ ସର୍ବଶକ୍ତିମାନ ପୁରୁଷୋତ୍ତମ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଏତିକି ପ୍ରାର୍ଥନା ସେ (ପ୍ରଭୁ) ଶ୍ରୀଯୁକ୍ତ ନାୟକଙ୍କ ଲେଖନୀକୁ ପ୍ରଭାବଶାଳୀ କବିତା ସୃଷ୍ଟିର ସାମର୍ଥ୍ୟ ଯୋଗାନ୍ତୁ ଏବଂ କବିଙ୍କ ଏହି କବିତା ଓଡ଼ିଆ ବାଣୀ ଭଣ୍ଡାରକୁ ଅଧିକ ଋଦ୍ଧିମନ୍ତ କରୁ ଓ ସମାଜକୁ ଦିଗ୍‌ଦର୍ଶନ ଦେଉ ଏବଂ ପାଠକ ପାଠିକାମାନଙ୍କ ନିକଟରେ ବିଶେଷ ଆଦୃତ ହେଉ ଏହି ଉଦ୍ୟମର ସଫଳତା ହିଁ ମୋର କାମନା ।

ଜୟ ଜଗନ୍ନାଥ

ଶୁଭାକାଙ୍‌କ୍ଷୀ

**ଡକ୍ଟର ହରିକୃଷ୍ଣ ନାୟକ**

ଅବସରପ୍ରାପ୍ତ ଅଧ୍ୟକ୍ଷ

ବିଜ୍ଞାନ ମହାବିଦ୍ୟାଳୟ,

କଙ୍କୋରଡ଼ା, ଗଂଜାମ

## ଶ୍ରୀଯୁକ୍ତ ଆଦିତ୍ୟ ପ୍ରତାପ ନାୟକ
### ନିଜସ୍ୱ ପରିଚିତି

| | | | |
|---|---|---|---|
| ୧. | ନାମ | : | ଶ୍ରୀଯୁକ୍ତ ଆଦିତ୍ୟ ପ୍ରତାପ ନାୟକ |
| ୨. | ଜନ୍ମ | : | ୨୨ ଜୁନ୍, ୧୯୮୫ |
| ୩. | ଜନ୍ମସ୍ଥାନ | : | ଗ୍ରାମ: ଦାନଆମ୍ବଠା, ପୋଷ୍ଟ: ଯୋଗୁଡ଼ି ବଳଭଦ୍ରପୁର, ଭାୟା: ପାଟପୁର, ଜିଲ୍ଲା: ଗଞ୍ଜାମ (ଓଡ଼ିଶା) ପିନ୍-୭୬୧୦୧୩ |
| ୪. | ବର୍ତ୍ତମାନର ଠିକଣା | : | ଇନ୍ଦିରା ନାୟକ କଲ୍ୟାଣ ମଣ୍ଡପ ନିକଟ,<br>ଚନ୍ଦନ ନଗର ପ୍ରଥମ ଗଳି, ଲାଞ୍ଜିପଲ୍ଲୀ, ବ୍ରହ୍ମପୁର<br>ଜିଲ୍ଲା: ଗଞ୍ଜାମ (ଓଡ଼ିଶା) ପିନ୍-୭୬୦୦୦୮<br>ଦୂରଭାଷ: ୯୯୨୩୨୭୮୬୧୫<br>Email: |
| ୫. | ଶିକ୍ଷାଗତ ଯୋଗ୍ୟତା | : | ଦଶମ (B.S.E. Odisha) (1st Division) ସରକାରୀ ନେହେରୁ ବହୁମୁଖି ବିଦ୍ୟାପୀଠ, କଙ୍କୋରଡ଼ା, ଅପ୍ରେଲ-୨୦୦୦ |
| | | : | ଦ୍ୱାଦଶ (H.S. Examination) (+2 Science) (1st Division), ବିଜ୍ଞାନ ମହାବିଦ୍ୟାଳୟ, ହିଞ୍ଜିଳିକାଟୁ-୨୦୦୨ |
| | | : | +୩ ବିଜ୍ଞାନ (+3 Science/ Bachalor of Science) (Physics Honours with distinction, 1st Class Gold Medal ସ୍ୱର୍ଣ୍ଣପଦକ ପ୍ରାପ୍ତ । ବିଜ୍ଞାନ ମହାବିଦ୍ୟାଳୟ, ହିଞ୍ଜିଳିକାଟୁ, ଅପ୍ରେଲ-୨୦୦୫ |
| | | : | ଏମ୍.ବି.ଏ. (M.B.A.) Post Graduate Department, Master of Business |

Administration, 1st Class, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ- ଜୁନ୍-୨୦୦୭

: ଏଲ୍.ଏଲ୍.ବି. (L.L.B.) Bachelor of Laws, 1st Class, ଗଞ୍ଜାମ ଆଇନ ମହାବିଦ୍ୟାଳୟ, (Ganjam Law College), ବ୍ରହ୍ମପୁର- ନଭେମ୍ବର-୨୦୧୫

୬. ଅବସ୍ଥାପିତ ପଦବୀ : ବୃତ୍ତି : ଉଦ୍ୟୋଗୀ, ସମାଜସେବୀ

ରୁଚି : ସମାଜସେବା, ସଂଗଠନ, ଗ୍ରନ୍ଥ ପୁସ୍ତକାଦି ପଠନ ଓ ଲିଖନ ।

୭. ଜାତୀୟତା (Nationality): ଭାରତୀୟ (Indian)

୮. ପାରିବାରିକ ଜୀବନ ସଂପର୍କ:

(କ) ପିତା : ଡ. ହରିକୃଷ୍ଣ ନାୟକ<br>ଅବସରପ୍ରାପ୍ତ ଅଧ୍ୟକ୍ଷ<br>ବିଜ୍ଞାନ ମହାବିଦ୍ୟାଳୟ, କଙ୍କୋରଡ଼ା, ଗଂଜାମ

(ଖ) ମାତା : ଶ୍ରୀମତୀ ସଞ୍ଜୁକ୍ତା ନାୟକ (କବୟିତ୍ରୀ) ସୁଗୃହିଣୀ

(ଗ) ଭଗ୍ନୀ (ଭଉଣୀ) : ଶ୍ରୀମତୀ ବିଦ୍ୟୁତ୍‌ପ୍ରଭା ନାୟକ (ଜିଲୁ)<br>ଇଂଜିନିୟର

(ଘ) ଭ୍ରାତା (ଭାଇ) : ଅଦ୍ୱୈତ ପ୍ରସାଦ ନାୟକ (ଲିଟୁ)<br>ସିନିୟର୍ ଇଂଜିନିୟର୍

(ଙ) ଭ୍ରାତୃଜାୟା (ଭାଇବୋହୂ): ଶ୍ରୀମତୀ ଶ୍ୱେତାଲିନା ମହାନ୍ତି<br>ଇଂଜିନିୟର

(ଚ) ପତ୍ନୀ : ଶ୍ରୀମତୀ ସୁନିତା ସ୍ୱାଇଁ (ଗୃହିଣୀ)

(ଛ) ପୁତ୍ର : ହୃଷୀକେଶ ହରିଚନ୍ଦନ ନାୟକ<br>(ସମସ୍ତଙ୍କ ସ୍ନେହ ଓ ଆଦରର ପାତ୍ର- ଗେଲୁ)

(ଜ) ଭିଣୋଇ : ଶ୍ରୀଯୁକ୍ତ କାହ୍ନୁଚରଣ ରାଉତ

(ଝ) ଭଣଜା : ଦେବାନନ୍ଦ ରାଉତ (ଜୟରାମ)

ଆଶୀର୍ବାଦ : ଶ୍ରୀଜଗନ୍ନାଥ ମହାପ୍ରଭୁ<br>ମା' ସର୍ବମଙ୍ଗଳା, ମା' ଖମ୍ବେଶ୍ୱରୀ